# NATIONAL NEWS BULLETIN (ODIA)
## 11 March - 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆଜି କେରଳମ୍ ଏବଂ ତାମିଲନାଡୁ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ ।
- ଭାରତର ସୀମା ସଂଲଗ୍ନ ଦେଶଗୁଡ଼ିକରୁ ପୁଞ୍ଜିନିବେଶ ସମ୍ପର୍କିତ ପରାମର୍ଶବଳୀରେ ସଂଶୋଧନ ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦିତ ।
- ଦେଶର କୃଷି ଏବଂ ଶକ୍ତି କ୍ଷେତ୍ରର ରୂପାନ୍ତରିକରଣ ଦିଗରେ ସୌର ଜଳସେଚନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ।
- ପଶ୍ଚିମ ଏସିଆର ସ୍ଥିତିକୁ ଯଥା ଶୀଘ୍ର ସ୍ୱାଭାବିକ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିଜ ଦେଶର ପ୍ରତିବଦ୍ଧତା ଦୋହରାଇଲେ ରୁଷ ରାଷ୍ଟ୍ରପତି ।

ଏବଂ

- ଦେଶରେ ଜଳ ସଂରକ୍ଷଣ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜଳଶକ୍ତି ମନ୍ତ୍ରୀଙ୍କ ଆହ୍ୱାନ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳମ୍ ଏବଂ ତାମିଲନାଡୁ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ତଥା ଲୋକାର୍ପଣ କରିବେ । ଅପରାହ୍ଣରେ ପ୍ରଧାନମନ୍ତ୍ରୀ କେରଳମ୍‌ର ଏର୍ଣ୍ଣାକୁଲମ୍‌ଠାରେ ୧୦ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସ୍ଥାନୀୟ ଜନସମାବେଶକୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ପରେ ପ୍ରଧାନମନ୍ତ୍ରୀ ତାମିଲନାଡୁ ଗସ୍ତ କରି ତିରୁଚିରାପଲ୍ଲିଠାରେ ପ୍ରାୟ ୫ ହଜାର ୬୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଲୋକାର୍ପଣ ଏବଂ ଶିଳାନ୍ୟାସ କରିବେ । ଏହିସବୁ ପ୍ରକଳ୍ପ ମଧ୍ୟରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ଭିତ୍ତିଭୂମି, ଗ୍ରାମାଞ୍ଚଳ ସଂଯୋଗୀକରଣ, ରାଜପଥ ବିକାଶ ଏବଂ ରେଳସେବା ଆଦି ଅନ୍ତର୍ଭୁକ୍ତ ।

ଏହାଛଡ଼ା ସ୍ଥାନୀୟ ଜନତାଙ୍କୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ତିରୁଚିରାପଲ୍ଲିଠାରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦୁଇଟି ଅମୃତଭାରତ ଏକ୍ସପ୍ରେସ୍ ସମେତ ଅନ୍ୟ କେତେକ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ସୂଚନା ଦେଇ ରେଳ ମନ୍ତ୍ରଣାଳୟ କହିଛି, ଏହି ନୂତନ ଟ୍ରେନ୍ ଚଳାଚଳ ଦ୍ୱାରା ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ । ପୋଦାନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ୍ ଦ୍ୱାରା କୋଏମ୍ବାଟୁରର ଶିଳ୍ପାଞ୍ଚଳ ସହିତ ପୂର୍ବ ଭାରତର କୋଇଲା ଏବଂ ଖଣିଜ ସମ୍ପଦରେ ଭରପୁର ଝାଡ଼ଖଣ୍ଡକୁ ସିଧାସଳଖ ସଂଯୋଗ କରାଯାଇପାରିବ ।

ସେହିଭଳି ନାଗେରକଏଲ୍-ଚାର୍ଲାପାଲ୍ଲି ଏକ୍ସପ୍ରେସ୍ ହେଉଛି – ସମ୍ପୃକ୍ତ ଅଞ୍ଚଳର ପ୍ରଥମ ଅମୃତ ଭାରତ ଏକ୍ସପ୍ରେସ୍ । ଏହି ଟ୍ରେନ୍ ମାଧ୍ୟମରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ପ୍ରାୟ ୨୦ଟି ଜିଲ୍ଲା ମଧ୍ୟରେ ସଂଯୋଗ ସ୍ଥାପନ କରାଯାଇପାରିବ । ଏହି ଅବସରରେ କେରଳର ସୋରାନୁର, କୁଟ୍ଟିପୁରମ୍ ଏବଂ ଚାଙ୍ଗାନାସେରୀ ତିନୋଟି ଅମୃତ ଭାରତ ଷ୍ଟେସନ୍ ସ୍ଥାପନ କରାଯିବ । ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ

ପ୍ରାୟ ୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ତିନୋଟି ଷ୍ଟେସନ୍ ନିର୍ମାଣ କରାଯାଇଛି ବୋଲି ରେଳ ମନ୍ତ୍ରଣାଳୟ କହିଛି ।

## କ୍ୟାବିନେଟ୍-ଏଫ୍‌ଡିଆଇ

ଭାରତ ସୀମା ସଂଲଗ୍ନ ଦେଶଗୁଡ଼ିକରୁ ପୁଞ୍ଜିନିବେଶ ସମ୍ପର୍କିତ ପରାମର୍ଶବଳୀରେ ସଂଶୋଧନ ପ୍ରସ୍ତାବକୁ ଗତକାଲି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ଅନୁମୋଦନ ପ୍ରଦାନ କରାଯାଇଛି । ଏହାଦ୍ୱାରା ଷ୍ଟାର୍ଟଅପ୍ ଓ ଡିପ୍‌ଟେକ୍‌ଗୁଡ଼ିକର ବ୍ୟାବସାୟିକ ପ୍ରକ୍ରିୟାକୁ ଅଧିକ ସୁବିଧା କରିବା ଦିଗରେ ବିଦେଶୀ ପୁଞ୍ଜିନିବେଶ ସହଜରେ ଉପଲବ୍ଧ ହୋଇପାରିବ । ୬୦ ଦିନ ମଧ୍ୟରେ ତ୍ୱରିତ ନିଷ୍ପତ୍ତି ମାଧ୍ୟମରେ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ଦ୍ୱାରା ଦେଶରେ ବିନିର୍ମାଣ କ୍ଷେତ୍ରର ଅଧିକ ସମ୍ପ୍ରସାରିତ ହୋଇପାରିବ । ଏହାଛଡ଼ା ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ସହିତ ସାମଗ୍ରୀକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ବିଦେଶୀ ପୁଞ୍ଜିନିବେଶ ସହାୟକ ହେବ ବୋଲି ସରକାର କହିଛନ୍ତି ।

# ଯୋଶୀ-ସୌର ଇରିଗେସନ୍

ଦେଶର କୃଷି ଏବଂ ଶକ୍ତି କ୍ଷେତ୍ରର ରୂପାନ୍ତରିକରଣ ଦିଗରେ ସୌର ଜଳସେଚନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲାଦ ଯୋଶୀ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଚତୁର୍ଥ ଜାତୀୟ କୃଷି ନବୀକରଣୀୟ ଶକ୍ତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଯୋଶୀ କହିଛନ୍ତି, ଦିନବେଳା କୃଷକମାନେ ଜଳସେଚନ କରିବା ଦିଗରେ ବର୍ତ୍ତମାନର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ସୌରଶକ୍ତିର ଏକ ସ୍ଥାୟୀ ସମର୍ଥନ ରହିଛି । ସୌରଶକ୍ତିକୁ କୃଷି ଏବଂ ଘରୋଇ କ୍ଷେତ୍ରକୁ ସମ୍ପ୍ରସାରିତ କରିବା ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ସେ କହିଛନ୍ତି, ପି.ଏମ୍. – କୁସୁମ ଯୋଜନା ଅଧୀନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସୌର କୃଷି ପମ୍ପ ସ୍ଥାପନ କରାଯାଇସାରିଛି । ଏତଦ୍ ବ୍ୟତୀତ ଦେଶ ବ୍ୟାପି ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରୀଡ୍ ସଂଯୁକ୍ତ ପମ୍ପଗୁଡ଼ିକୁ ସୌରଶକ୍ତି ଦ୍ୱାରା ପରିଚାଳନା କରାଯାଉଛି । ଶ୍ରୀ ଯୋଶୀ କହିଛନ୍ତି, ପି.ଏମ୍. ସୂର୍ଯ୍ୟଘର – ମାଗଣା ବିଜୁଳି ଯୋଜନା ଅଧୀନରେ ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇଛି । ସେହିଭଳି ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଦେଶରେ ଅଣ-ଜୀବାଶ୍ମ ସୂତ୍ରରୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରାୟ ୩ ଦଶମିକ୍ ୫ ଗୁଣା ବୃଦ୍ଧି ପାଇଛି । ୨୦୧୪ରେ ଏହି ପରିମାଣ  ୮୧ ଗିଗାୱାଟ୍ ଥିବା ବେଳେ ଏ କ୍ଷେତ୍ରରେ ସରକାରଙ୍କ

ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପର ସୁଫଳ ସ୍ୱରୂପ ବର୍ତ୍ତମାନ ଏହା ୨୭୫ ଗିଗାୱାଟ୍‌ରେ ପହଞ୍ଚି ପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

## ୱେଷ୍ଟଏସିଆ-ପୁଟିନ୍

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଯଥା ଶୀଘ୍ର ସ୍ୱାଭାବିକ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ରୁଷର ପ୍ରତିବଦ୍ଧତା ଦୋହରାଇଛନ୍ତି । ରାଜନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ରୁଷ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ପୁଟିନ୍ ଗତକାଲି ଇରାନ୍ ରାଷ୍ଟ୍ରପତି ମାସାଉଦ୍ ପେଜେସ୍କିଆନ୍‌ଙ୍କ ସହିତ ଟେଲିଫୋନ୍ ବାର୍ତ୍ତାଳାପ ସମୟରେ କହିଛନ୍ତି । ଉଭୟ ନେତା ସମ୍ପୃକ୍ତ ଅଞ୍ଚଳ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ମଧ୍ୟପ୍ରାଚ୍ୟରେ ଏଭଳି ସମସ୍ୟାକୁ ଅଧିକ ଜଟିଳ କରିବାକୁ ନ ଦିଆଯିବା ଉପରେ ଗୁରୁତ୍ୱ ଦେଇ ରୁଷ ଆବଶ୍ୟକ ପଦକ୍ଷେପ ନେଉଛି ବୋଲି ଶ୍ରୀ ପୁଟିନ୍ କହିଛନ୍ତି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ସନ୍ଧ୍ୟାରେ ତାଙ୍କ ଇରାନ୍ ପ୍ରତିପକ୍ଷ ସଇଦ୍ ଆବାସ୍ ଆରାଘ୍‌ଚିଙ୍କ ସହିତ ପଶ୍ଚିମ ଏସିଆରେ ସଦ୍ୟତମ ସ୍ଥିତି ଉପରେ ଆଲୋଚନା କରିଛନ୍ତି । ଏ

ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଏ ଦିଗରେ ପରସ୍ପରକୁ ଅବଗତ କରାଇବା ନିମନ୍ତେ ଭବିଷ୍ୟତରେ ଯୋଗାଯୋଗରେ ରହିବାକୁ ଉଭୟ ସମ୍ମତି ପ୍ରଦାନ କରିଛନ୍ତି । ଗତ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍‌ର ମିଳିତ ସୁରକ୍ଷା ବାହିନୀ ସହିତ ଇରାନ୍‌ର  ଯୁଦ୍ଧ ହେବା ପରଠାରୁ ଏହା ହେଉଛି ଟେଲିଫୋନ୍ ମାଧ୍ୟମରେ ଭାରତ ଓ ଇରାନ୍ ବୈଦେଶିକ ମନ୍ତ୍ରୀ ସ୍ତରୀୟ ତୃତୀୟ ଆଲୋଚନା ।

ଡକ୍ଟର ଜୟଶଙ୍କର ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ତାଙ୍କର ଜର୍ମାନ ପ୍ରତିପକ୍ଷ ଜୋହାନ୍ ୱାଡେଫୁଲ୍ ଏବଂ ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୁ ହ୍ୟୁଁଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ଏହି ଆଲୋଚନା କାଳରେ ଶକ୍ତି କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟା ସମେତ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ରଣନୈତିକ ଅର୍ଥନୀତି ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଉଭୟପକ୍ଷ ସମ୍ମତି ପ୍ରଦାନ କରିଥିବା ସମ୍ପର୍କରେ ଡକ୍ଟର ଜୟଶଙ୍କ ସୂଚନା ଦେଇଛନ୍ତି ।

# ଏମ୍‌ଓସିଏ-ଷ୍ଟେଟ୍‌ମେଣ୍ଟ

ପଶ୍ଚିମ ଏସିଆ ଅଞ୍ଚଳର ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ସହିତ ଭାରତ ଓ ସମ୍ପୃକ୍ତ ଅଞ୍ଚଳ ମଧ୍ୟରେ ସମ୍ଭାବ୍ୟ ବିମାନ ଯାତ୍ରା ଦିଗରେ ସମୟୋଚିତ ପଦକ୍ଷେପ ନିଆଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି, ଯାତ୍ରୀମାନଙ୍କର ସୁରକ୍ଷା ଏବଂ ନିରବଚ୍ଛିନ୍ନ ସେବା ଉପରେ ପ୍ରାଥମିକତା ଦେଇ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଗତ ସୋମବାର ଦିନ ୪୫ଟି ବିମାନ ଦ୍ୱାରା ପଶ୍ଚିମ ଏସିଆରୁ ୭ ହଜାର ୪୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଯାଇଛି । ସ୍ଥିତି ଅନୁକୂଳ ରହିଲେ ଆଜିଠାରୁ ଏୟାର୍ ଇଣ୍ଡିଆ ପକ୍ଷରୁ ରିଆଦ୍‌କୁ ବିମାନ ଉଡ଼ାଣ କରିବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ କହିଛି । ତେବେ ଯାତ୍ରୀମାନେ ସଦ୍ୟତମ ସ୍ଥିତି ସମ୍ପର୍କରେ ଅବଗତ ହେବା ନିମନ୍ତେ ନିଜ ନିଜ ଏୟାର୍ ଲାଇନ୍ସ ସହ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି ।

# ସିଆର୍ ପାଟିଲ୍-କ୍ୟାବିନେଟ୍

ଦେଶରେ ଜଳ ସଂରକ୍ଷଣ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଲାଗି ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆହ୍ୱାନ

ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଭାରତୀୟ ଶିଳ୍ପ ଜଳସମ୍ମିଳନୀର ଏକାଦଶ ସଂସ୍କରଣ ଏବଂ ଫିକି ଜଳ ପୁରସ୍କାରର ତ୍ରୟୋଦଶ ସଂସ୍କରଣରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲାଗି ସିନ୍ଧୁ ନଦୀର ବଳକା ଜଳକୁ ପଞ୍ଜାବ, ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ, ହରିଆଣା, ଦିଲ୍ଲୀ ଓ ରାଜସ୍ଥାନକୁ ଯୋଗାଇଦେବା ଲାଗି ସରକାର ଯୋଜନା କରୁଛନ୍ତି ବୋଲଇ ଶ୍ରୀ ପାଟିଲ୍ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଜଳଜୀବନ ମିଶନ୍‌କୁ ସମ୍ପୂର୍ଣ୍ଣ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ଗତକାଲି ଅତିରିକ୍ତ ଏକ ଦଶମିକ୍ ୫/୧ ଲକ୍ଷ କୋଟି ଟଙ୍କା ଅନୁମୋଦନ କରିଥିବାରୁ ଜଳଶକ୍ତି ମନ୍ତ୍ରୀ ଏହାର ପ୍ରଶଂସା କରିଛନ୍ତି । ଏହି ଅବସରରେ ଶ୍ରୀ ପାଟିଲ୍ ବିଭିନ୍ନ ବର୍ଗର କୃତି ଅନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରିଛନ୍ତି ।